# ସାଭରକର୍ ପ୍ରସଙ୍ଗ ଓ ସ୍ପର୍ଶକାତର କମ୍ରେଡମାନେ

ଗତ ୪ ତାରିଖରେ କଟକରେ ଅନୁଷ୍ଠିତ ଏକ ଆଲୋଚନା ସଭାରେ ଏହି ଲେଖକ ଶେଷବକ୍ତା ଭାବେ ସାଭରକରଙ୍କ ଜୀବନୀର କେତେକ ଉଲ୍ଲେଖନୀୟ ଦିଗ ଉପରେ ଟିପ୍ପଣୀ ଦେଉଥିଲା ବେଳେ ଆଗରୁ କହିସାରିଥିବା କମ୍ୟୁନିଷ୍ଟ ପାର୍ଟିର ଜଣେ ବିଶିଷ୍ଟ ପ୍ରବକ୍ତା ଓ ମୋର ସୁପରିଚିତ ବନ୍ଧୁ ହଠାତ୍ ଉଠିପଡି ପ୍ରତିବାଦ କରିବା ଢଙ୍ଗରେ ଏକନିଶ୍ୱାସରେ କହିବାକୁ ଲାଗିଲେ, "ସାଭରକର ଜେଲ୍‌ରୁ ମୁକୁଳିବା ପାଇଁ ଇଂରେଜମାନଙ୍କୁ କ୍ଷମାଭିକ୍ଷା ମାଗିଥିଲେ, ଦୁଇଜାତି ତତ୍ତ୍ୱର ଜନକ ଥିଲେ, ଗାନ୍ଧୀହତ୍ୟା ଷଡଯନ୍ତ୍ରରେ ଲିପ୍ତ ଥିଲେ ଇତ୍ୟାଦି" । ତାଙ୍କ କଥା ଉପରେ ଏହି ଲେଖକ କିଛି ଆଲୋଚନା କରିବାକୁ ଚାହିଁବାରୁ ସେ ସଭାଛାଡି ଚାଲିଯାଇଥିଲେ, ଯାହାକି ଏକ ଦୁଃଖଦ ଘଟଣା ଥିଲା । କେବଳ ଏହି କମ୍ୟୁନିଷ୍ଟ ବନ୍ଧୁ ନୁହଁନ୍ତି, ବର୍ତ୍ତମାନ ଆମ ଦେଶରେ ନିଜକୁ ବାମପନ୍ଥୀ, ପ୍ରଗତିଶୀଳ ଓ ଧର୍ମନିରପେକ୍ଷ ଶିବିରାର୍ଥୀ ବୋଲି ମନେ କରୁଥିବା ଅସଂଖ୍ୟ ରାଜନୈତିକ ଓ ସାମାଜିକ ନେତା ଓ କର୍ମୀ ଓ ବୁଦ୍ଧିଜୀବି ଅଛନ୍ତି, ଯେଉଁମାନଙ୍କର ସ୍ଥଳବିଶେଷରେ ନାହିଡିଆଁ ରୋଗ ଅତି ଉତ୍କଟରୂପରେ ପ୍ରକଟିତ ହୋଇଥାଏ ଓ ସମଗ୍ର ବାତାବରଣକୁ ଅକାରଣରେ ଧୂମାୟିତ କରିଦେଇଥାଏ । ଅନ୍ୟପକ୍ଷରେ ନିଜେ ନିଜକୁ ହିନ୍ଦୁ ଓ ଭାରତୀୟ ସଭ୍ୟତାର ଖାଣ୍ଟି ଧାରକ-ବାହକ ବୋଲି ବିଜ୍ଞାପିତ କରୁଥିବା ବହୁ ଧର୍ମଶାସ୍ତ୍ରୀ, ସଂସ୍କୃତି-ପ୍ରେମୀ ଓ ରାଜନେତା ମଧ୍ୟ ଏହି ସ୍ପର୍ଶକାତରତା ରୋଗରେ ପୀଡିତ । ସୋନିଆ ଗାନ୍ଧୀ ନାଁ ଉଚ୍ଚାରଣ ହେବାମାତ୍ରେ, ସେମାନେ ଡିଆଁଡେଇଁ ଆରମ୍ଭ କରିଦିଅନ୍ତି । ଏହି ଦୁଇ ଗୋଷ୍ଠୀଙ୍କ ଭିତରୁ କାହାର ନାକଟେକା ଖୋଇ ବେଶୀ, କାହାର କମ୍, ତାହା କହିବା ମୁସ୍କିଲ୍ । ଦ୍ୱିତୀୟ ଗୋଷ୍ଠୀଙ୍କ ବୈଚାରିକ ମତାନ୍ଧତା ସମ୍ବନ୍ଧରେ କୌଣସି ଆଲୋଚନାର ଆବଶ୍ୟକ ନାହିଁ, କାରଣ ସେମାନଙ୍କ କଥା ଓ କାମ ଭିତରୁ ତାହା ଜଳଜଳ ଦୃଶ୍ୟମାନ । କିନ୍ତୁ ପ୍ରଥମ ଗୋଷ୍ଠୀଙ୍କ ବିଷୟ ଆଲୋଚନା ସାପେକ୍ଷ, କାରଣ ସେମାନଙ୍କ ଉପରେ ଲାଗିଥିବା 'ବାମପନ୍ଥୀ', 'ପ୍ରଗତିଶୀଳ' 'ଧର୍ମନିରପେକ୍ଷ' ଇତ୍ୟାଦିର ମୋହର ଜନମାନସକୁ ବିଭ୍ରାନ୍ତ କରି ରଖିଛି ।

## ବ୍ୟକ୍ତି-ମୂଲ୍ୟାୟନରେ ମାର୍କ୍ସଙ୍କ ଢଙ୍ଗ

ସମସ୍ତେ ଜାଣନ୍ତି, କାର୍ଲ ମାର୍କ୍ସ (୧୮୧୮-୧୮୮୩) ତଦାନୀନ୍ତନ ଦର୍ଶନ-ସମ୍ରାଟ ହେଗେଲ୍ (୧୭୭୦-୧୮୩୧)ଙ୍କ ଭାବବାଦୀ ଦୃଷ୍ଟିଭଙ୍ଗୀ ବିରୁଦ୍ଧରେ ଲଢେଇ କରି ବସ୍ତୁବାଦୀ ଦ୍ୱନ୍ଦ୍ୱତତ୍ତ୍ୱକୁ ଜନ୍ମ ଦେଇଥିଲେ । ହେଗେଲ୍ କେବଳ ଯେ ସେତେବେଳର ପ୍ରୁସୀୟ ରାଜତନ୍ତ୍ରର ଦୃଢ ସମର୍ଥକ ଥିଲେ ତାହା ନୁହେଁ, ସେ ମନେ କରୁଥିଲେ, ଭଗବାନ ଜର୍ମାନ୍ ଜାତିକୁ ପୃଥିବୀର ଶ୍ରେଷ୍ଠତମ ଜାତିରୂପେ ଜନ୍ମ ଦେଇଛନ୍ତି ଓ ଜର୍ମାନୀବାସୀଙ୍କର ପବିତ୍ର କର୍ତ୍ତବ୍ୟ ହେଉଛି ବିଶ୍ୱର ଅନ୍ୟସମସ୍ତ ଜାତିକୁ ସଭ୍ୟ ଓ ଶିକ୍ଷିତ କରେଇବା । ଏହା ପୁଣି ଜଣାଶୁଣା କଥା ଯେ, ହେଗେଲ୍‌ଙ୍କ ଏତାଦୃଶ ଉଗ୍ର ଜର୍ମାନ୍ ଜାତୀୟତାବାଦ ପାଇଁ ବିଂଶ ଶତାବ୍ଦୀର ଜଣାଶୁଣା ଏକଛତ୍ରବାଦୀ ଶାସକ ଆଡଲ୍‌ଫ ହିଟ୍‌ଲର୍ ତାଙ୍କୁ ରାଷ୍ଟ୍ରୀୟ ଦାର୍ଶନିକ ବୋଲି ଘୋଷଣା କରିଥିଲେ । ଏଠାରେ ଉଲ୍ଲେଖନୀୟ ବିଷୟ ହେଉଛି, ମାର୍କ୍ସ ରାଜତନ୍ତ୍ର ଓ ଜାତିତତ୍ତ୍ୱ ସପକ୍ଷରେ ହେଗେଲ୍‌ଙ୍କ ପ୍ରତିକ୍ରିୟାଶୀଳ ମତବାଦ ସମ୍ବନ୍ଧରେ ଭଲରୂପେ ଜାଣିଥିଲେ ହେଁ ତାଙ୍କୁ ନିଜର ପ୍ରମୁଖ ଗୁରୁ ରୂପେ ମୁକ୍ତକଣ୍ଠରେ ସ୍ୱୀକାର କରୁଥିଲେ । ସେ ହେଗେଲ୍‌ଙ୍କ ଠାରୁ ଆଧୁନିକ ଦ୍ୱନ୍ଦ୍ୱତତ୍ତ୍ୱ ବା ଡାଏଲେକ୍ଟିକ୍ସ୍ ଉଧାର ଆଣିଛନ୍ତି ବୋଲି ଶେଷପର୍ଯ୍ୟନ୍ତ କହି ଚାଲୁଥିଲେ । ସୁଦୂର ଇତିହାସର ଏହି ଜଣାଶୁଣା ଦୃଷ୍ଟାନ୍ତକୁ ଏଠାରେ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା, ଆମର କମ୍ରେଡ୍‌ମାନେ ଅନ୍ତତଃ ସେମାନଙ୍କ ଆଦିଗୁରୁ କାର୍ଲମାର୍କ୍ସଙ୍କ ଠାରୁ ଶିଖିବା ଉଚିତ୍, କିପରି ଇତିହାସର ଜଣେ ପ୍ରବାଦ ପୁରୁଷଙ୍କୁ ମୂଲ୍ୟାଙ୍କନ କରାଯାଏ, ବା ଖାଣ୍ଟି ଭାରତୀୟ ଭାଷାରେ କହିଲେ କିପରି ପୂଜ୍ୟପୂଜା କରାଯାଏ ।

## ସାଭର୍‌କରଙ୍କ ହିନ୍ଦୁତ୍ୱ

ବର୍ତ୍ତମାନ ଆମେ ସଦ୍ୟ-ବିତର୍କିତ ସାଭରକର୍ ପ୍ରସଙ୍ଗକୁ ଆସିବା । ଏକଥା ସତ୍ୟ, ସାଭରକର (୧୮୮୩-୧୯୬୬) ହିନ୍ଦୁତ୍ୱ ଶବ୍ଦର ପ୍ରତିଷ୍ଠତା । ସେ ବିଭିନ୍ନ ସମୟରେ 'ହିନ୍ଦୁତ୍ୱ'ର ବାଖ୍ୟା କରିବାକୁ ଯାଇ ବିଭିନ୍ନ କଥା କହିଛନ୍ତି, ଯେଉଁଥିରୁ ଏହାର ଏକ ସୁସ୍ପଷ୍ଟ ଓ ନିର୍ବିବାଦୀୟ ସଂଜ୍ଞା ନିଷ୍ପନ୍ନ କରିବା ସମ୍ଭବ ନୁହେଁ । କିନ୍ତୁ ତାଙ୍କ ସମୟର ପରିପ୍ରେକ୍ଷୀରେ ସାଭରକର କେତେକ ସଂସ୍କାରଧର୍ମୀ କଥା କହିଥିଲେ, ଯେଉଁଗୁଡିକର ଏବେବି ପ୍ରାସଙ୍ଗିକତା ଅଛି ବୋଲି ମନେ ହୁଏ । ଯଥା- ବର୍ଣ୍ଣପ୍ରଥା କି ଜାତିପ୍ରଥା ସହିତ ହିନ୍ଦୁଧର୍ମର କିଛି ସଂପର୍କ ନାହିଁ, ଏହିସବୁ କୁସଂସ୍କାର କାଳକ୍ରମେ ହିନ୍ଦୁମାନଙ୍କ ଭିତରକୁ ପଶିଆସିଛି । ସାଭରକର୍ ପୁଣି କହିଛନ୍ତି, ଗୋରୁ ହେଉଛି ଏକ ଦରକାରୀ ପଶୁ, ତେଣୁ ହିନ୍ଦୁମାନେ ଗୋପୂଜନ ନୁହେଁ, ଗୋପାଳନ କରିବା ଉଚିତ୍ ତଥା ଦୁର୍ଭିକ୍ଷଜନିତ ଅନାହାର ସମୟରେ ହିନ୍ଦୁମାନେ ଗୋମାଂସ ଖାଇ ପାରନ୍ତି । ତଥାକଥିତ ଯଜ୍ଞ ଓ ସମୂହ ପୂଜା ଭଳି ଅବାଂଛିତ ସମାରୋହରୁ ହିନ୍ଦୁମାନେ ଦୂରେଇ ରହିବା ଉଚିତ୍ । ବେଦକୁ ଈଶ୍ୱରକୃତ ବୋଲି କି ମନୁସ୍ମୃତିର ପ୍ରାସଙ୍ଗିକତାକୁ ସେ ସ୍ୱୀକାର କରୁନଥିଲେ । ପୁରୋହିତ ଗୋଷ୍ଠୀ ତଥା ଭଣ୍ଡବାବାଜୀମାନଙ୍କ ପ୍ରାଧାନ୍ୟକୁ ସେ ସ୍ୱୀକାର କରୁନଥିଲେ । ବ୍ରିଟିଶ୍ ସରକାରଙ୍କ ଦୃଷ୍ଟିରେ ଯାହା ଥିଲା ସିପାହୀ ବିଦ୍ରୋହ, ସାଭରକର ଏହାକୁ 'ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ- ୧୯୫୭' ବୋଲି ଚିତ୍ରଣ କରି ୧୯୦୭ରେ ଏହି ଶିରୋନାମାରେ ଏକ ପୁସ୍ତକ ଲେଖିଥିଲେ, ଯାହାକି ଭଗତ ସିଂ ଓ ସୁଭାଷ ବୋଷଙ୍କ ସମେତ ଦେଶର ଅଗଣିତ କ୍ରାନ୍ତିକାରୀଙ୍କୁ ଉଦ୍ଦୀପିତ କରିପାରିଥିଲା । ସେ ଏହି ପୁସ୍ତକରେ ହିନ୍ଦୁ ଓ ମୁସଲ୍‌ମାନଙ୍କ ଭିତରେ ଏକତାହିଁ ଭାରତର ଭାବୀ ଅଗ୍ରଗତିର ଚାବିକାଠି ବୋଲି ଦର୍ଶାଇଥିଲେ । ସେ ମହାରାଷ୍ଟ୍ରରେ ଏକ ଆଦର୍ଶ ହିନ୍ଦୁମନ୍ଦିର ପ୍ରତିଷ୍ଠା କରିଥିଲେ, ଯହିଁର ପୂଜକ ହେଉଛନ୍ତି ଜଣେ ମେହେନ୍ତର । ସାଭରକର୍ ହିନ୍ଦୁଧର୍ମ ସମ୍ବନ୍ଧରେ ଏହିଭଳି ନୂଆନୂଆ, ଅପାରମ୍ପରିକ ଓ ସଂସ୍କାରଧର୍ମୀ କଥା କହିଥିବାରୁ ଆର୍.ଏସ୍.ଏସ୍. ସମେତ ବିଭିନ୍ନ ମୌଳବାଦୀ ହିନ୍ଦୁ ସଂଗଠନମାନେ ପ୍ରଥମେ ତାଙ୍କୁ ମାନ୍ୟତା ଦେଇ ନଥିଲେ । ଏବେ ବି ସେମାନେ ସାଭରକର୍‌ଙ୍କୁ ହିନ୍ଦୁତ୍ୱର ପ୍ରବର୍ତ୍ତକ ବୋଲି ପ୍ରଚାର କଲାବେଳେ ତାଙ୍କ ଚିନ୍ତାଧାରାର ଏହି ସୁନିର୍ଦ୍ଦିଷ୍ଟ ଦିଗଗୁଡିକୁ କୌଶଳକ୍ରମେ ଏଡାଇ ଯାଆନ୍ତି । ସୁତରାଂ ସାଭରକର୍‌ଙ୍କୁ ହିନ୍ଦୁ ମୌଳବାଦ ସହ ଏକାତ୍ମ କରି ଦେଖିବା ଅନୈତିହାସିକ ଓ ଅଯୌକ୍ତିକ ।

## ଭାରତବିଭାଜନ ପାଇଁ ଦାୟୀ କିଏ ?

ଅବଶ୍ୟ ଏକଥା ସତ, ସାଭରକର୍ ଅଖଣ୍ଡ ଭାରତ ପାଇଁ ଉଦ୍ୟମ କରିବା ପରେ ଯେତେବେଳେ ଦେଖିଲେ ମୁସ୍‌ଲିଗ୍ ଲିଗ୍ ତଥା ଦେଶର ଅନ୍ୟାନ୍ୟ ବହୁ ଦଳ ଓ ଗୋଷ୍ଠୀ ପ୍ରତ୍ୟକ୍ଷ ବା ପରୋକ୍ଷରେ ଭାରତ ବିଭାଜନ ଦାବୀକୁ ସମର୍ଥନ କରୁଛନ୍ତି, ସେତେବେଳେ ସେ ମଧ୍ୟ ଦୁଇ-ଜାତି ତତ୍ତ୍ୱ ଭିତ୍ତିରେ ଏହି ଦାବୀକୁ ସମର୍ଥନ ଜଣାଇଲେ । କିନ୍ତୁ ପ୍ରଶ୍ନ ହେଉଛି, ସେତେବେଳେ ଭାରତରେ କେହି ଦଳ ବା ନେତା ଥିଲେ କି, ଯେ କି ବିଭାଜନକୁ ମୂଳରୁ ଶେଷଯାଏଁ ବିରୋଧ କରିଛନ୍ତି ? ବାବାସାହେବ ଆମ୍ବେଦକର ତାଙ୍କର 'ପାକିସ୍ଥାନ ବା ଭାରତ ବିଭାଜନ' (୧୯୪୬) ପୁସ୍ତକରେ ଦୁଇଜାତି ତତ୍ତ୍ୱକୁ ସମର୍ଥନ କରିବା ସହିତ ବିଭାଜନକୁ ଏକ ଯୌକ୍ତିକ ଓ ସମୁଚିତ ପଦକ୍ଷେପ ବୋଲି ମନ୍ତବ୍ୟ କରିଛନ୍ତି । ଏଇଥିପାଇଁ ତାଙ୍କର ମୁସ୍‌ଲିମ୍ ଲିଗ୍ ସହିତ ଖୁବ୍ ଭଲ ସଂପର୍କ ଥିଲା, ଓ ସେ କେନ୍ଦ୍ରୀୟ ସଭାପାଇଁ ଅନୁଷ୍ଠିତ ନିର୍ବାଚନ(୧୯୪୬)ରେ ମୁସ୍‌ଲିମ୍ ଲିଗ୍ ଟିକେଟ୍‌ରେ ବଙ୍ଗଳାର ଏକ ନିର୍ବାଚନ ମଣ୍ଡଳୀରୁ ପ୍ରଥମେ ନିର୍ବାଚିତ ହୋଇଥିଲେ । ଡକ୍ଟର ରାମ ମନୋହର ଲୋହିଆ ତାଙ୍କର ପୁସ୍ତକ 'ଭାରତ ବିଭାଜନର ଅପରାଧୀମାନେ'(୧୯୫୯)ରେ ଦର୍ଶାଇଛନ୍ତି, କିପରି ନେହେରୁ ଓ ପଟେଲ୍ କଂଗ୍ରେସ୍‌ର ବିଧିବଦ୍ଧ ନିଷ୍ପତ୍ତି ହୋଇନଥିବା ସତ୍ତ୍ୱେ ନିଜେ ଏକତରଫା ଭାବେ ଲର୍ଡ ମାଉଣ୍ଟବାଟେନ୍‌ଙ୍କୁ ବିଭାଜନ ସପକ୍ଷରେ ନିଜର ମତ ଦେଇ ସାରିଥିଲେ । ସେହି ପୁସ୍ତକରେ ଡକ୍ଟର ଲୋହିଆ ପୁଣି ଦର୍ଶାଇଛନ୍ତି ଯେ, କଂଗ୍ରେସ ବିଭାଜନ ସମ୍ବନ୍ଧରେ ଗାନ୍ଧୀଙ୍କ ତାଗିଦ୍‌ରେ ଆହୂତ କଂଗ୍ରେସ କାର୍ଯ୍ୟକାରିଣୀ ସମିତିର ଜରୁରୀ ବୈଠକରେ ବିଭାଜନ ସପକ୍ଷରେ ନେହେରୁ ଓ ପଟେଲ୍‌ଙ୍କ ଅତିରିକ୍ତ ଜିଦ୍ ଫଳରେ ଗାନ୍ଧୀ କିପରି ଏକଘରକିଆ ଓ ନିସହାୟ ହୋଇପଡିଥିଲେ ତଥା ଶେଷକୁ ନିଜେ ବିଭାଜନ

ସପକ୍ଷରେ ମତଦେବାକୁ ବାଧ୍ୟ ହୋଇଥିଲେ । ଏହି ବୈଠକରେ ଜୟପ୍ରକାଶ ନାରାୟଣ ବିଭାଜନ ବିପକ୍ଷରେ ମତ ଦେଇଥିଲେ ହେଁ, ତାହା ଅତ୍ୟନ୍ତ ମୃଦୁ ଥିଲା । ଲୋହିଆ ମଧ୍ୟ ପଶ୍ଚାତାପ ସହ ସ୍ୱୀକାର କରିଛନ୍ତି, ସେ ନିଜେ ବିଭାଜନ ବିରୁଦ୍ଧରେ ମତବ୍ୟକ୍ତ କରିଥିଲେ ହେଁ, ଏହାକୁ ନେଇ ନଛୋଡବନ୍ଧା ରହିପାରି ନଥିଲେ । ଏ ଘଟଣାର ବହୁ ପୂର୍ବରୁ ସ୍ୱାଧୀନତା ଆନ୍ଦୋଳନର ଆଉ ଜଣେ ବିଶିଷ୍ଟ ନେତା ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ଭାରତ ଛାଡ ଆନ୍ଦୋଳନକୁ ବିରୋଧକରି ତଥା ପାକିସ୍ଥାନ ଗଠନ ଦାବୀକୁ ସମର୍ଥନ କରି କଂଗ୍ରେସରୁ ଇସ୍ତଫା ଦେଇଥିଲେ । ସେତେବେଳର ଅବିଭାଜିତ କମ୍ୟୁନିଷ୍ଟ ପାର୍ଟିର ଭୂମିକା କ'ଣ ଥିଲା ? ଜାତିମାନଙ୍କର ଆତ୍ମନିୟନ୍ତ୍ରଣ ଅଧିକାର ନାଁରେ ସେମାନେ ମଧ୍ୟ ମୁସ୍‌ଲିଗ୍ ଲିଗ୍ ସହିତ ସ୍ୱର ମିଳେଇ ସ୍ୱତନ୍ତ୍ର ପାକିସ୍ଥାନ ଦାବୀକୁ ସମର୍ଥନ କରିଥିଲେ । ଯେତେବେଳେ ବାମ ଓ ଦକ୍ଷିଣ ନିର୍ବିଶେଷରେ ଭାରତର ପ୍ରାୟ ସମସ୍ତ ଦଳ ଓ ନେତାମାନେ ଘଟଣାଚକ୍ରରେ ଭାରତ ବିଭାଜନକୁ ସମର୍ଥନ କରିଥିଲେ, ସେତେବେଳେ କେବଳ ସାଭରକର୍‌ଙ୍କ ଉପରେ କାହିଁକି ଦୋଷ ଲଦାଯାଉଛି ?

**ସାଭର୍‌କରଙ୍କ ଦୃଷ୍ଟିରେ ହିନ୍ଦୁ କିଏ ?**

ସାଭରକର୍‌ଙ୍କ ହିନ୍ଦୁ ଓ ହିନ୍ଦୁରାଷ୍ଟ୍ରର ଧାରଣା ମଧ୍ୟ ପ୍ରଣିଧାନଯୋଗ୍ୟ । ତାଙ୍କର ପ୍ରସିଦ୍ଧ ପୁସ୍ତକ 'ହିନ୍ଦୁତ୍ୱ- ହିନ୍ଦୁ କିଏ ?' (୧୯୨୮)ରେ ସେ ହିନ୍ଦୁତ୍ୱ ଓ ହିନ୍ଦୁଧର୍ମ ଦୁଇଟି ଭିନ୍ନ ଧାରଣା ବୋଲି କହିଛନ୍ତି । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଯେ କୌଣସି ବ୍ୟକ୍ତି ହିନ୍ଦୁସ୍ଥାନ ବୋଲି ପରିଚିତ ଐତିହାସିକ ଓ ଭୌଗଳିକ ଭୂଖଣ୍ଡକୁ ଯଦି ଏକ ପୁଣ୍ୟଭୂମି ବୋଲି ମନେକରେ, ସେ ହିଁ ହିନ୍ଦୁ ପଦବାଚ୍ୟ । ତାଙ୍କ ବିଚାରରେ ହଜାର ହଜାର ବର୍ଷଧରି ଏହି ଭୂଖଣ୍ଡରେ ଯେଉଁ ସଂସ୍କୃତି ଓ ସଭ୍ୟତା ଗଢିଉଠିଛି, ଓ ଯାହାକି ବିଭିନ୍ନ ବୈଷମ୍ୟ ଭିତରେ ଆମ ସମସ୍ତଙ୍କୁ ବାନ୍ଧି ରଖିଛି, ସେହି ଐତିହ୍ୟ ହିଁ ହିନ୍ଦୁତ୍ୱ । ଗାନ୍ଧିଜୀ ହିନ୍ଦୁ ପରିବାରରେ ଜନ୍ମ ନେଇଥିବାର ଆଧାର ଉପରେ ନିଜକୁ ହିନ୍ଦୁ ବୋଲି ମନେ କରୁଥିଲା ବେଳେ ସାଭରକର ହିନ୍ଦୁସ୍ଥାନ ନାମକ ଭୌଗଳିକ ଭୂଖଣ୍ଡର ଗୌରବୋଜ୍ଜ୍ୱଳ ଐତିହ୍ୟର ଉତ୍ତରାଧିକାରୀକୁ ହିନ୍ଦୁ ବୋଲି ଘୋଷଣା କରୁଥିଲେ । ସାଭରଙ୍କର୍‌ଙ୍କ ସଂଜ୍ଞା ଅନୁଯାୟୀ ଜଣେ ଅନ୍ୟ ଧର୍ମର ଓ ଅନ୍ୟ ଦେଶର ହୋଇ ମଧ୍ୟ ହିନ୍ଦୁସ୍ଥାନର ଐତିହ୍ୟକୁ ଭଲପାଇ ପାରିଲେ, ସେ 'ହିନ୍ଦୁ' ବୋଲି କୁହା ଯାଇପାରିବ । ସୁତରାଂ ହିନ୍ଦୁ ଶବ୍ଦକୁ ନେଇ ଦୁଇ ଜଣଙ୍କ ସଜ୍ଞାୟନ ଭିତରେ ମୌଳିକ ପାର୍ଥକ୍ୟ ଥିଲା, ଗାନ୍ଧିଜୀଙ୍କର ସଂଜ୍ଞା ଧର୍ମୀର୍ଯ୍ୟ ଓ ଜନ୍ମଭିତ୍ତିକ କିନ୍ତୁ ସାଭରକରଙ୍କର ପାର୍ଥିବ ତଥା ଐତିହ୍ୟଭିତ୍ତିକ । ୧୯୩୭ ମସିହାରେ ଅନୁଷ୍ଠିତ ହିନ୍ଦୁ ମହାସଭାର ଅଧିବେଶନରେ ସାଭରକର୍ ତାଙ୍କ ଅଭିଭାଷଣରେ ନିଜର ପରିକଳ୍ପିତ ହିନ୍ଦୁରାଷ୍ଟ୍ର ସମ୍ବନ୍ଧରେ ସ୍ପଷ୍ଟ କହିଥିଲେ, "ଧର୍ମ, ଜାତି କି ସଂପ୍ରଦାୟ ଭିତ୍ତିରେ କୌଣସି ବ୍ୟକ୍ତିକୁ ବାଛବିଚାର କରାଯିବ ନାହିଁ । ସମସ୍ତଙ୍କ ପାଇଁ ସଂପୂର୍ଣ୍ଣ ସମାନତା ରହିବ, ଏବଂ କେହି ଅନ୍ୟ ଉପରେ ହାକିମାତି କରିପାରିବେ ନାହିଁ ।" ପ୍ରକୃତ ପକ୍ଷେ ସାଭରକର୍ ମୁସଲମାନଙ୍କୁ ନୁହେଁ, ମୁସଲିମ୍ ଧର୍ମାନ୍ଧତାକୁ ଘୃଣା କରୁଥିଲେ, ଯଦିଓ ମୁସ୍ଲିମ୍ ଧର୍ମାନ୍ଧତାକୁ ସାମନା କରିବାକୁ ଯାଇ ହିନ୍ଦୁ ଧର୍ମାନ୍ଧତା ଆଡକୁ ଠେଲି ହୋଇ ଯାଉଥିଲେ । ଖିଲାଫତ୍ ଆନ୍ଦୋଳନ ତେଜିୟାନ୍ ଥିବାବେଳେ କିଛି ମୁସ୍‌ଲିମ୍ ମୂଳବାଦୀ ଗୋଷ୍ଠୀ ଆଫଗାନିସ୍ଥାନର ମୁସ୍‌ଲିମ୍ ରାଜା ଅମାନୁଲ୍ଲାଙ୍କୁ ଭାରତ ଆକ୍ରମଣ କରି ବ୍ରିଟିଶ୍ ବଦଳରେ ଶାସନ କରିବାକୁ ଆହ୍ୱାନ୍ କରିଥିଲେ ।  ଏହାର ପ୍ରତିକ୍ରିୟାରେ ସାଭରକର୍ ତାଙ୍କ ପରିକଳ୍ପିତ ହିନ୍ଦୁରାଷ୍ଟ୍ରର ବିକଳ୍ପ ପେଶ୍ କରିଥିଲେ । ସେହିପରି ସ୍ୱାଧୀନତା ଆନ୍ଦୋଳନର ଶେଷ ଦଶନ୍ଧିରେ ମୁସ୍‌ଲିମ୍ ଲିଗ୍ ଯେତେଯେତେ ମୂଳବାଦୀ ହିନ୍ଦୁବିଦ୍ୱେଷୀ ରାସ୍ତା ଗ୍ରହଣ କଲା, ସାଭରକର୍ ତହିଁର ପ୍ରତିକ୍ରିୟାରେ ପ୍ରଥମେ ଅଖଣ୍ଡ ହିନ୍ଦୁସ୍ଥାନ, ଓ ତାପରେ ଜିନ୍ନାଙ୍କ ଦୁଇଜାତି ତତ୍ତ୍ୱ ଭିତ୍ତିରେ ଦୁଇ ସ୍ୱତନ୍ତ୍ର ରାଷ୍ଟ୍ର- ଭାରତ ଓ ପାକିସ୍ଥାନ- ର ଅସ୍ପୃହଣୀୟ ଅଥଚ ଅଲଂଘ୍ୟ ବାସ୍ତବତାକୁ ମାନିନେଲେ ।

**ଗାନ୍ଧୀହତ୍ୟା ଦଲିଲ୍ ଗୋପନୀୟ କାହିଁକି ?**

ପ୍ରଧାନମନ୍ତ୍ରୀ ଶ୍ରୀ ମନମୋହନ ସିଂ ନିକଟରେ ଅନୁଷ୍ଠିତ ତାଙ୍କ ସାମ୍ବାଦିକ ସମ୍ମିଳନୀରେ ଯଥାର୍ଥରେ କହିଛନ୍ତି ଯେ, ସାଭରକର୍ ଜଣେ ସଂଗ୍ରାମୀ ଓ ଦେଶପେମୀ ଥିଲେ, ଏବଂ ଗାନ୍ଧୀହତ୍ୟା ମାମଲାରେ ସେ ଅଭିଯୁକ୍ତ ହୋଇଥିଲେ ହେଁ ପରବର୍ତ୍ତୀ ଅବସ୍ଥାରେ ପ୍ରମାଣ ଅଭାବରୁ ଖଲାସ ହୋଇଥିଲେ । ଏହି ଲେଖକର କ୍ଷୁଦ୍ର ବିଚାରରେ ଏହାସତ୍ତ୍ୱେ ଯଦି କେହି ମନେ କରୁଥାଆନ୍ତି, ସାଭରକର୍ ଗାନ୍ଧୀହତ୍ୟା ଷଡଯନ୍ତ୍ରରେ ସଂପୃକ୍ତ ଥିଲେ, ତେବେ ତାଙ୍କ ପକ୍ଷେ ଦାବୀ କରିବା ଉଚିତ୍, ପ୍ରଥମେ ଗାନ୍ଧୀହତ୍ୟା ମକଦ୍ଦମାର ସମସ୍ତ କୋର୍ଟ କାଗଜପତ୍ରକୁ ଲୋକଲୋଚନକୁ ଅଣାଯାଉ । ସ୍ୱାଧୀନତା ପରେ କଂଗ୍ରେସ ନେତାଏ ଦୀର୍ଘକାଳ ଶାସନରେ ଥିଲେ, ଏବେ ମଧ୍ୟ ଅଛନ୍ତି । ଗତ ୬ ବର୍ଷଧରି ବିଜେପି ମଧ୍ୟ କେନ୍ଦ୍ର ଶାସନରେ ଥିଲା । କିନ୍ତୁ ଏହି ଦୁଇପକ୍ଷ ମଧ୍ୟରୁ କେହି ସଂଶ୍ଳିଷ୍ଟ ମକଦ୍ଦମାର ମୂଳ ନଥିପତ୍ରକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରୁନାହାନ୍ତି । କାହିଁକି ? ୧୯୭୪ ଓ ୭୫ରେ ନବକୃଷ୍ଣ ଚୌଧୁରୀ ଏକଥା କହୁଥିବାର ଏହି ଲେଖକ ସମେତ ରାଜ୍ୟର ଅନେକ ବ୍ୟକ୍ତି ଶୁଣିଛନ୍ତି ଯେ, ଗାନ୍ଧୀହତ୍ୟା ପାଇଁ କେବଳ ଆର୍.ଏସ୍.ଏସ୍. ନୁହେଁ, କଂଗ୍ରେସନେତାଏ ମଧ୍ୟ ସମପରିମାଣରେ ଦାୟୀ । ଏହି ଲେଖକର ଅନୁମାନ, ଆଳୁ ଖୋଳୁଖୋଳୁ ମହାଦେବ ବାହାରିବ, ଏହି ପ୍ରକାର ଏକ ବଦ୍ଧମୂଳ ଆଶଙ୍କାରୁ ଉଭୟଗୋଷ୍ଠୀ ଜାଣିଶୁଣି ଗାନ୍ଧୀହତ୍ୟା ଦସ୍ତାବିଜ୍, ଯାହାକି ଆଇନତଃ ଏକ ସର୍ବସାଧାରଣ ଦଲିଲ୍, ତାକୁ ଘଟଣାର ପ୍ରାୟ ୫୬ ବର୍ଷ ପରେ ମଧ୍ୟ ଗୋପନୀୟ କରି ରଖିଛନ୍ତି ।

**ସାଭରକରଙ୍କ ପ୍ରଚଣ୍ଡ ଦେଶପ୍ରେମ**

ବର୍ତ୍ତମାନ ପୁଣି ଆମେ ସାଭରକର୍ ପ୍ରସଙ୍ଗକୁ ଆସିବା । ତାଙ୍କ ଚିନ୍ତାଧାରା ସହ ଜଣେ ଅମତ ହୋଇପାରେ, କିନ୍ତୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସେ ଜଣେ ପ୍ରବାଦ ପୁରୁଷ, ଏକଥାରେ କାହାରି ଦ୍ୱିମତ ରହିବା କଥା ନୁହେଁ । ଜଣେ ଅତ୍ୟାଚାରୀ ଇଂରେଜ ସାହେବଙ୍କୁ ୧୯୦୯ରେ ଲଣ୍ଡନରେ ଗୁଳିକରି ହତ୍ୟା କରି ଫାଶି ପାଇଥିବା ଶହୀଦ ମଦନଲାଲ ଧିଙ୍ଗ୍‌ଡାଙ୍କ ପ୍ରେରଣାଦାତା ଥିଲେ ସାଭରକର୍ । ଏକାଧିକ ରାଜଦ୍ରୋହମୂଳକ ଘଟଣାରେ ସାଭରକରଙ୍କ ଲଗାତାର ସଂପୃକ୍ତି ଯୋଗୁଁ ତାଙ୍କୁ ବ୍ରିଟିଶ୍ ସରକାର ଇଂଲଣ୍ଡରୁ ଭାରତକୁ ଦେଶାନ୍ତର କରିବା ଉଦ୍ଦେଶ୍ୟରେ ବନ୍ଦୀକରି ୧୯୦୯ରେ ଏକ ସାମରିକ ଜାହାଜ ଯୋଗେ ଭାରତକୁ ପଠାଇଲେ । ବାଟରେ ଫ୍ରାନ୍‌ସର ମାର୍ସେଲ୍‌ସ୍ ଉପକୂଳରେ ଜାହାଜଟି ଅଟକି ଥିବାବେଳେ ସାଭରକର୍ ପହଁରି ପହଁରି ସେଥିରୁ ଖସି ଯାଇଥିଲେ । କିନ୍ତୁ ଫରାସୀ ପୋଲିସ୍ ତାଙ୍କୁ ଧରି ବ୍ରିଟିଶ୍‌କୁ ହସ୍ତାନ୍ତର କରିଥିଲା । ଭାରତରେ ତାଙ୍କର ବିଚାର ହେଲାପରେ ତାଙ୍କୁ ଆଣ୍ଡାମାନ ଜେଲ୍‌ରେ ୫୦ବର୍ଷପାଇଁ ସଶ୍ରମ କାରାବାସର ଦଣ୍ଡ ଘୋଷିତ ହୋଇଥିଲା । ଫରାସୀ ପୋଲିସ୍ ସାଭରକର୍‌ଙ୍କୁ ହସ୍ତାନ୍ତର କଲାବେଳେ ପ୍ରତ୍ୟର୍ପଣର କେତେକ ନିୟମ ମାନି ନଥିବାରୁ ସମୁଦାୟ ମକଦ୍ଦମାଟି ହେଗ୍‌ସ୍ଥିତ ଆନ୍ତର୍ଜାତିକ କୋର୍ଟରେ ମଧ୍ୟ ବିଚାର ହୋଇଥିଲା । ଏହିସବୁ ଘଟଣା ମାଧ୍ୟମରେ ସାଭରକର୍ ଭାରତର ସ୍ୱାଧୀନତା ସଂଗ୍ରାମ ପ୍ରସଙ୍ଗକୁ ଆନ୍ତର୍ଜାତିକ ରୂପ ଦେବାରେ ସକ୍ଷମ ହୋଇଥିଲେ । ଏହାଛଡା ତାଙ୍କ ପ୍ରେରଣାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମାଡାମ୍ କାମା ଷ୍ଟୁଟ୍‌ଗାର୍ଟ ଆନ୍ତର୍ଜାତିକ ସମ୍ମିଳନୀରେ ଭାରତର ଜାତୀୟ ପତାକାକୁ ଉଡାଇ ପାରିଥିଲେ । ଆଣ୍ଡାମାନରେ ୧୯୧୧ରୁ ୧୯୨୨ ମସିହା ଦୀର୍ଘ ୧୧ବର୍ଷ ଧରି ଏକ ନିଭୃତ କୋଠରୀରେ ସଶ୍ରମ ଜେଲ୍ ଦଣ୍ଡ ଖଟିଲାପରେ ତାଙ୍କୁ କେତେକ ସର୍ତ୍ତ ଭିତ୍ତିରେ ମହାରାଷ୍ଟ୍ରର ଏକ ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା ଓ ତାପରେ ୧୯୩୭ ଯାଏ ରତ୍ନଗିରି ଜିଲ୍ଲା ଭିତରେ ଅଟକ ରଖାଯାଇଥିଲା । ଆଣ୍ଡାମାନରେ ସେ ବନ୍ଦୀ ଥିବାବେଳେ ସାରାଦେଶରେ ତାଙ୍କୁ ଖଲାସ କରିବା ପାଇଁ ମହାତ୍ମା ଗାନ୍ଧୀ ଓ କଂଗ୍ରେସ ସମେତ ବହୁ ମହଲରୁ ଦାବୀ କରା ଯାଇଥିଲା । ସାଭରକର୍ ନିଜେ ଖଲାସ ହେବା ପାଇଁ ବ୍ରିଟିଶ୍ ସରକାରଙ୍କ ପାଖରେ ଯେଉଁ ଆବେଦନ କରିଥିଲେ ଓ ଯାହାକୁ କେନ୍ଦ୍ରକରି ତାଙ୍କୁ ପଳାୟନପନ୍ଥୀ ବୋଲି ଚିତ୍ରଣ କରାଯାଉଛି, ସେ ନିଜେ ଏ ସମ୍ବନ୍ଧରେ ପରବର୍ତ୍ତୀ ସମୟରେ କହିଛନ୍ତି ଯେ, ଜେଲ୍‌ରୁ ମୁକୁଳି ବାହାରେ ରହି ଦେଶକାମ କରିବା ପାଇଁ ସେ ଜାଣିଶୁଣି ଏହି କୌଶଳ ଅବଲମ୍ବନ କରିଥିଲେ । ସୁଭାଷ ବୋଷ ସାଭରକର୍‌ଙ୍କୁ ଠିକ୍ ରୂପେ ବୁଝିଥିଲେ ଓ ଖୁବ୍ ସମ୍ମାନ ମଧ୍ୟ କରୁଥିଲେ । ସୁଭାଷ

ଜାପାନୀ ସେନା ସାହାଯ୍ୟରେ ଆଣ୍ଡାମାନ୍‌କୁ ଦଖଲ କରିବାପରେ ସାଭରକରଙ୍କ ଲିଖିତ 'ପ୍ରଥମ ସ୍ୱାଧୀନତା ସଂଗ୍ରାମ' ପୁସ୍ତକର ତାମିଲ୍ ଅନୁବାଦ କରାଇ ସେ ସାଧାରଣ ଲୋକଙ୍କ ଭିତରେ ବାଣ୍ଟିଥିଲେ ।

**କମ୍ରେଡମାନେ ନିଜର ଦୃଷ୍ଟିଭଙ୍ଗୀ ବଦଳାନ୍ତୁ**

ସୁତରାଂ ମୋଟ ଉପରେ ଦେଖିଲେ, ଏକ ଘଡିସନ୍ଧି ମୁହୂର୍ତ୍ତରେ ସାଭରକରଙ୍କ ଭୂମିକା କେବଳ ଭାରତ ଭିତରେ ନୁହେଁ, ସାରା ପୃଥିବୀରେ ଭାରତର ସ୍ୱାଧୀନତା ଦାବୀ ପ୍ରତି ସହାନୁଭୂତି ସୃଷ୍ଟି କରିପାରିଥିଲା । ଏହି ଐତିହାସିକ ସତ୍ୟକୁ ଅସ୍ୱୀକାର କରିବା ନିଜର ନିର୍ବୋଧତାର ପରିଚୟ ହେବ । ଆଜି ଉଭୟ ବାମ ଓ ଦକ୍ଷିଣ କମ୍ୟୁନିଷ୍ଟ ପାର୍ଟିର କମ୍ରେଡ୍‌ମାନେ ସାଭର୍‌କର୍‌ଙ୍କୁ ଭାରତଛାଡ ଆନ୍ଦୋଳନର ବିରୋଧୀ, ଦେଶବିଭାଜନର ସମର୍ଥକ ତଥା ଉତ୍କଟ ଗାନ୍ଧୀ ବିରୋଧୀ ବୋଲି ଦର୍ଶାଉଛନ୍ତି । କିନ୍ତୁ ଏସବୁ ପ୍ରଶ୍ନ ଉପରେ ସେମାନଙ୍କ ନିଜର ରେକର୍ଡ କ'ଣ ? ଅବିଭାଜିତ କମ୍ୟୁନିଷ୍ଟ ପାର୍ଟି ୧୯୪୨ର ଭାରତଛାଡ ଆନ୍ଦୋଳନକୁ ବିରୋଧ କରିଥଲା, ବ୍ରିଟିଶ୍ ସରକାର ହାତରେ ଆନ୍ଦୋଳନକାରୀମାନଙ୍କୁ ଧରେଇ ଦେଉଥିଲା, ଗାନ୍ଧୀଙ୍କୁ ସାମ୍ରାଜ୍ୟବାଦର ଦଲାଲ୍, ନେହେରୁଙ୍କୁ ସାମ୍ରାଜ୍ୟବାଦର ଗୋଡାଣିଆ କୁକୁର ତଥା ସୁଭାଷବୋଷଙ୍କୁ ଫାସିଷ୍ଟ ବୋଲି ଚିତ୍ରଣ କରିଥିଲା । ଏହାଛଡା ଭାରତ ଭଳି ଏକ ବହୁଜାତୀୟ ସମାଜରେ ମୁସଲ୍‌ମାନମାନଙ୍କର ଆତ୍ମନିୟନ୍ତ୍ରଣ ଅଧିକାର ଭିତ୍ତିରେ ପାକିସ୍ଥାନ ଏକ ସ୍ୱତନ୍ତ୍ର ରାଷ୍ଟ୍ର ହେଉ ବୋଲି ସେମାନେ ଦାବୀ କରିଥିଲେ । ଅବଶ୍ୟ ପରବର୍ତ୍ତୀ ଅବସ୍ଥାରେ ସଂସଦୀୟ ରାଜନୀତିରେ ଗଭୀରଭାବେ ସଂଶ୍ଲିଷ୍ଟ ହୋଇପଡି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ସେଥିରୁ ବାହାରିଥିବା ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଜାତୀୟ ଆନ୍ଦୋଳନ ଓ ନେତୃବର୍ଗଙ୍କ ସମ୍ବନ୍ଧରେ ସେମାନଙ୍କ ଧାରଣା ଓ ପ୍ରଚାରକୌଶଳକୁ ବଦଳାଇଛନ୍ତି । ଏହାସତ୍ତ୍ୱେ ସେମାନେ ଘଟିତ ଇତିହାସକୁ ବଦଳାଇ ଦେଇ ପାରିବେ କି ? ଯଦି ନାଁ, ତେବେ ଆଜିକାର କମ୍ୟୁନିଷ୍ଟମାନେ ସାଭରକରଙ୍କ ପିଛା ପଡିଛନ୍ତି କାହିଁକି ? କମ୍ୟୁନିଷ୍ଟମାନେ ଭାବିବା ଉଚିତ୍, ସ୍ୱାଧୀନତା ଆନ୍ଦୋଳନ ସମୟରେ ସେମାନଙ୍କର ଜଘନ୍ୟ ଭୂମିକା ସତ୍ତ୍ୱେ ସାଧାରଣ ଲୋକମାନେ ସେମାନଙ୍କୁ ସମ୍ମାନ ଦେଖାଉଛନ୍ତି ଓ ଭୋଟ୍ ଦେଉଛନ୍ତି । ଆମର ଭାରତୀୟ ଜନତା ବାସ୍ତବିକ ଏକ ମହୋଦାର ଭାବନାରେ ପରିଚାଳିତ । କମ୍ୟୁନିଷ୍ଟମାନେ ଅନ୍ତତଃ ଏହି ମୌଳିକ ମାନବୀୟ ଗୁଣ ଲୋକଙ୍କ ପାଖରୁ ଶିଖିବା ଉଚିତ୍ ଓ ଅଯଥା ବିତଣ୍ଡାରୁ ବିରତ ରହି ସାଭରକରଙ୍କ ଭଳି ଜଣେ ସଂଗ୍ରାମୀ ଓ ଦେଶପ୍ରେମୀଙ୍କୁ ବିଳମ୍ବରେ ହେଲେବି ଯେତିକି ସ୍ୱୀକୃତି ଓ ସମ୍ମାନ ମିଳିବା କଥା, ତାହା ପ୍ରଦାନ କରନ୍ତୁ ।

Chitta Behera, 4A Jubilee Tower, Choudhury Bazar, Cuttack-9, PH: 0671-2623518, October, 2004
Email: chittabehera@rediffmail.com